# "ମୋ ସ୍ୱାମୀ ମରିଯାଇଛି । ଆପଣ କିଏ ମୁଁ ଚିହ୍ନିନି" !

ମୋର ନାମ ଲିପୁ ପ୍ରସାଦ ଦାସ (ଛଦ୍ମନାମ) । ଘର ରାଉରକେଲା ସହରର, ସୁନ୍ଦରଗଡ଼ ଜିଲ୍ଲାରେ । ବାପା ପୋଷ୍ଟାଲ୍‌ରେ ଚାକିରୀ କରିଥିଲେ । ସେ ଆଉ ନାହାଁନ୍ତି । ଦାଦା ମଧ୍ୟ ପୋଷ୍ଟ ମାଷ୍ଟର ଅଟନ୍ତି ଏବଂ ଭୁବନେଶ୍ୱରରେ ରହନ୍ତି । ଦାଦାଙ୍କ ଘରକୁ ଯିବା ଆସିବା ସମୟରେ ଭୁବନେଶ୍ୱରରେ ମୋର ଜଣେ ଝିଅଙ୍କ ସହିତ ବନ୍ଧୁତା ସୃଷ୍ଟି ହେଲା । ଏହାପରେ ଫୋନ୍‌ରେ କଥାବାର୍ତ୍ତା, ପରେ ଏହା ପ୍ରେମରେ ରୂପାନ୍ତରିତ ହେଲା । ବହୁତଦିନ ଉଭୟଙ୍କ ଭିତରେ ଦୈହୀକ ସମ୍ପର୍କ ରଖିଲୁ ଏବଂ ୨୦୦୯ ମସିହାରେ ଉଭୟେ ଭୁବନେଶ୍ୱର କୋର୍ଟରେ ବିବାହ ମଧ୍ୟ କଲୁ । କଥା ଧିରେ ଧିରେ ଜାଣିଲାପରେ ବୈଦିକ ରିତିରେ ବିବାହ ମଧ୍ୟ ହେଲା । ଆମେ ଉଭୟେ ଭୁବନେଶ୍ୱରରେ ଏକ ଘର ନେଇ ରହିଲୁ । ଇତି ମଧ୍ୟରେ ମୋର ଭଉଣୀର ବାହାଘର ହୋଇଗଲା । ରାଉରକେଲାରେ ମା ମୋର ଏକା । ମୁଁ ସର୍ବଦା ଚାହୁଁଥିଲି ମା'ଙ୍କୁ ଆଣି ପାଖରେ ରଖିବା ପାଇଁ । କିନ୍ତୁ ମୋର ସ୍ତ୍ରୀ ମୋତେ ଏଥିରୁ ବାରଣ କଲା । ମନେ ମନେ ଯେତେ କଷ୍ଟ ପାଉଥିଲେ ମଧ୍ୟ କଷ୍ଟ କଥା ସ୍ତ୍ରୀକୁ ଜଣାଇଲି ନାହିଁ । କିଛିଦିନ ପରେ ଆମର ଏକ ପୁତ୍ର ସନ୍ତାନ ଜନ୍ମ ହେଲା । ପୁଅ ହେବା ପରେ କିଛିଦିନ ବହୁ ଖୁସିରେ ପରିବାର ଚାଲିଲା । ସ୍ତ୍ରୀ ମୋର ଭୁବନେଶ୍ୱରରେ ଏକ ଏଚ୍.ଡି.ଏଫ୍.ସି. ବ୍ୟାଙ୍କରେ ଚାକିରୀ କରେ । ଘଣ୍ଟା ଘଣ୍ଟା ଧରି ମୋବାଇଲ୍‌ରେ ଗପ କରିବା ଓ ମୋ ସହିତ ଶାରିରୀକ ସମ୍ପର୍କ ରଖିବା ପାଇଁ ମନା କରିବାରୁ ଉଭୟଙ୍କ ଭିତରେ ମତପାର୍ଥକ୍ୟ ସୃଷ୍ଟି ହେଲା । ସ୍ତ୍ରୀର ଘର ଭୁବନେଶ୍ୱରରୁ ମାତ୍ର ୩ କି.ମି. ହୋଇଥିବାରୁ ସ୍ତ୍ରୀ ମୋ ଉପରକୁ ହାତ ମଧ୍ୟ ଉଠାନ୍ତି । ଏହାପରେ ଏହି ସବୁ ଅପମାନରୁ ରକ୍ଷା ପାଇବା ପାଇଁ ସାଙ୍ଗମାନଙ୍କ କଥାରେ ପଡ଼ି ମୁଁ ମଦ ପିଇବା ଆରମ୍ଭ କରିଦେଲି । ମଦ ପିଇ ଅଫିସ୍ ଯିବାରୁ ଅଫିସ୍‌ରୁ ମତେ ତଡ଼ି ଦିଆଗଲା । ସ୍ତ୍ରୀ ମୋତେ ଖାଇବାକୁ ଗଣ୍ଡେ ମଧ୍ୟ ଦେଲା ନାହିଁ । ଘରୁ ବାହାରିଯା ବୋଲି କହିବାରୁ ମୁଁ ଘରୁ ପଳାଇଲି । ମୁଁ କିଛି ନ କହିବାରୁ ସେ ମଧ୍ୟ ଚୁପ୍ ଚାପ୍ ରହିଲେ । ଏହାପରେ ପୁଅ ମନେ ପଡ଼ିବାରୁ ମୁଁ ବାଧ୍ୟ ହୋଇ ନିଜେ ନିଜେ ତାଙ୍କ ପାଖକୁ ଆସିଲି । ମାତ୍ର ସେ ମୋତେ ବହୁ ଖରାପ୍ ବ୍ୟବହାର ଦେଖାଇଲେ ଏବଂ କହିଲେ ପ୍ରଥମେ ତୁମେ ଚାକିରୀ କର ତାପରେ ଏଠାକୁ ଆସିବ । ଦୀର୍ଘଦିନ ପରିଶ୍ରମ କରି ମୁଁ ଚାକିରୀଟିଏ ପାଇଲି । ଚାକିରୀ ପାଇସାରି ସ୍ତ୍ରୀ ପାଖକୁ ଆସିଲି । ତାପରେ ସେ ମୋତେ କହିଲେ ତୁମେ ଦରମା ପାଇସାର ଏଠାକୁ ଆସିବ । ପୁଣି ଦରମା ଧରି ଆସିବାରୁ ମୁଁ ଯାହା ଦେଖିଲି ତାହା ମୋତେ ବହୁକଷ୍ଟ ଦେଲା । ମୋ ସ୍ତ୍ରୀର ହାତରେ ନା ଚୁଡ଼ି ନା ମଥାରେ ସିନ୍ଦୁର ଥିଲା । ମତେ କହିଲେ, "ମୋ ସ୍ୱାମୀ ମରିଯାଇଛି । ଆପଣ କିଏ ମୁଁ ଚିହ୍ନିନି" । ଏହାପରେ ମୁଁ ପୋଲିସ୍ ଏବଂ ଆଇନ୍‌ଜୀବୀଙ୍କୁ ଭେଟିବାରୁ ସେମାନେ କିଛି କରିପାରିବେ ନାହିଁ ବୋଲି କହିଲେ । ଏବେ ସ୍ତ୍ରୀ ମୋତେ ନା ଛାଡ଼ପତ୍ର ଦେଉଛି ନା ତା ପାଖରେ ରଖୁଛି । ପୁଅକୁଟିକେ ଦେଖିବା ପାଇଁ ଦୌଡ଼ି ଆସିଲେ ମଧ୍ୟ ପୁଅକୁ ଦେଖାହେବାର ସୁଯୋଗ ମଧ୍ୟ ମିଳୁନାହିଁ । ମୁଁ ଏବେ ଗଭୀର ମାନଶୀକ ଆଘାତ ଦେଇ ଗତି କରୁଛି ଏବଂ ଦିନେ ବନ୍ଧୁବାନ୍ଧବ ଓ ସାହି ପଡ଼ିଶାରେ ସୁନା ପୁଅ ବୋଲି ପ୍ରତିଷ୍ଠା ଅର୍ଜନ କରୁଥିବା ଲୋକ ଆଜି ଜଣେ ବିଖ୍ୟାତ ମଦୁଆ ବୋଲି ପରିଚୟ ପାଇଛି........

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।